# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**21 May – 2024**

# ଦ୍ୱିତୀୟ ପର୍ଯ୍ୟାୟ ମତଦାନ

ରାଜ୍ୟରେ ଗତକାଲି ଅନୁଷ୍ଠିତ ହୋଇଥିବା ୫ଟି ଲୋକସଭା ଆସିକା, କନ୍ଧମାଳ, ବରଗଡ, ବଲାଙ୍ଗୀର ଓ ସୁନ୍ଦରଗଡ ସଂସଦୀୟ କ୍ଷେତ୍ର ସହ ଏହା ଅନ୍ତର୍ଗତ ୩୫ ବିଧାନସଭା ନିର୍ବାଚନମଣ୍ଡଳୀରେ ଅଣସ୍ତରୀ ଦଶମିକ ୩/୪ ପ୍ରତିଶତ ମତଦାନ ହୋଇଥିବା ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି । ବରଗଡରେ ସର୍ବାଧିକ ୭୬ ଦଶମିକ ୨ ପ୍ରତିଶତ ମତଦାନ ହୋଇଥିବାବେଳେ ଆସିକାରେ ସବୁଠାରୁ କମ୍ ୬୦ ଦଶମିକ ୭/୮ ପ୍ରତିଶତ ଭୋଟିଂ ହୋଇଛି ।

ସେହିଭଳି ଦେଶରେ ଗତକାଲିର ମତଦାନ ପ୍ରକ୍ରିୟାରେ ୬ଟି ରାଜ୍ୟ ଓ ୨ଟି କେନ୍ଦ୍ରଶାସିତ ଅଞ୍ଚଳର ମୋଟ୍ ଅଣଚାଶଟି ଆସନରେ ହାରାହାରି ୬୦ ଦଶମିକ ୩/୭ ପ୍ରତିଶତ ମତଦାନ ହୋଇଥିବା କେନ୍ଦ୍ର ନିର୍ବାଚନ ଆୟୋଗଙ୍କ ସୂତ୍ରରୁ ଜଣାପଡିଛି । ପଶ୍ଚିମବଙ୍ଗରେ ସର୍ବାଧିକ ୭୫ ଦଶମିକ ୪/୪ ପ୍ରତିଶତ ଭୋଟିଂ ହୋଇଥିବାବେଳେ ମହାରାଷ୍ଟ୍ରରେ ସବୁଠାରୁ କମ୍ ୫୪ ଦଶମିକ ୩/୩ ପ୍ରତିଶତ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି ।

# ନିର୍ବାଚନୀ ପ୍ରଚାର

ବିଜେପିର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଓଡ଼ିଶା ଗସ୍ତରେ ଆସି ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ ଏବଂ ନୟାଗଡଠାରେ ନିର୍ବାଚନୀ ସଭାରେ ଯୋଗଦେବେ । ଅନ୍ୟଏକ ଦଳୀୟ ପ୍ରଚାର କାର୍ଯ୍ୟକ୍ରମରେ ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡା ଆଜି ମୋରଡା, ଉଦଳା, ଯଶୀପୁର, ରାଇରଙ୍ଗପୁର, ବାଙ୍ଗିରିପୋଷି, ବାରିପଦାରେ ଜନସଭାକୁ ସମ୍ବୋଧନ କରିବେ ।

ସେହିପରି ଅଖିଳ ଭାରତୀୟ କଂଗ୍ରେସ କମିଟିର ମଲ୍ଲିକାର୍ଜୁନ ଖଡଗେ, ଦଳର ବରିଷ୍ଠ ନେତା ରାହୁଲ ଗାନ୍ଧୀ ଏବଂ ସାଧାରଣ ସଂପାଦିକା ପ୍ରିୟଙ୍କା ଗାନ୍ଧୀ ଚଳିତମାସ ଶେଷ ସପ୍ତାହରେ ଓଡ଼ିଶା ଗସ୍ତରେ ଆସି ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତ୍‌ସିଂହପୁର, ପାରାଦ୍ୱୀପ, ମୟୂରଭଞ୍ଜ ଆଦି ସ୍ଥାନରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ ବୋଲି ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର କହିଛନ୍ତି ।

## ହାଇକୋର୍ଟ-ଗ୍ରୀଷ୍ମ ଅବକାଶ

ଓଡ଼ିଶା ହାଇକୋର୍ଟର ଗ୍ରୀଷ୍ମକାଳୀନ ଛୁଟି ଆସନ୍ତାକାଲିଠାରୁ ଆରମ୍ଭ ହୋଇ ଜୁନ୍ ମାସ ୧୭ ତାରିଖ ପର୍ଯ୍ୟନ୍ତ ରହିବ । ଗ୍ରୀଷ୍ମ ଅବକାଶ ସମୟରେ ଚଳିତମାସ ୨୩, ୨୮, ୩୦ ତାରିଖ ଏବଂ ଜୁନ୍ ମାସ ୪, ୬, ୧୧ ଏବଂ ୧୨ ତାରିଖରେ ଅବକାଶକାଳୀନ ଖଣ୍ଡପୀଠ ବସିବ ବୋଲି ହାଇକୋର୍ଟ

ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି । ଜରୁରୀ ମାମଲା ଗୁଡ଼ିକର ଶୁଣାଣି ପାଇଁ ଅବକାଶକାଳୀନ ଖଣ୍ଡପୀଠଙ୍କ ନିକଟରେ ମାମଲା ତାଲିକାଭୁକ୍ତ କରାଯାଇ ପାରିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି ।

## ବାୟୁ ସ୍ୱାସ୍ଥ୍ୟ ସେବା

ରାଜ୍ୟର ଅପହଞ୍ଚ ଜିଲ୍ଲାରେ ରୋଗୀମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ମାଲକାନଗିରି, ନବରଙ୍ଗପୁର, ନୂଆପଡା ଏବଂ କଳାହାଣ୍ଡି ଜିଲ୍ଲାରେ ଚାଲିଥିବା ବାୟୁ ସ୍ୱାସ୍ଥ୍ୟସେବା ଆସନ୍ତା ମାସ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ପୁଣିଥରେ ଆରମ୍ଭ ହେବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି । ଅତ୍ୟଧିକ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଗତ କିଛିଦିନ ହେଲା ଏହି ସ୍ୱାସ୍ଥ୍ୟସେବା ବନ୍ଦ ରହିଛି ।

## ଶୂନ୍ୟଛାୟା

ଭୁବନେଶ୍ୱର ଏବଂ କଟକ ସମେତ ରାଜ୍ୟର କେତେକ ସ୍ଥାନରେ ଶୂନ୍ୟଛାୟା ଦେଖାଯିବ ବୋଲି ପଠାଣିସାମନ୍ତ ପ୍ଲାନେଟୋରିୟମ ସୂତ୍ରରୁ ଜଣାପଡିଛି । ଭୁବନେଶ୍ୱରରେ ଆଜି ପୂର୍ବାହ୍ନ ୧୧ଟା ୪୩ ମିନିଟ୍‌ରେ ଶୂନ୍ୟଛାୟା ଦେଖାଯିବ । ଅନ୍ୟପକ୍ଷରେ କଟକରେ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ୪୩ ମିନିଟ୍‌ରେ ଶୂନ୍ୟଛାୟା ଦେଖାଯିବ ବୋଲି ଅନୁମାନ କରାଯାଇଛି । ବଲାଙ୍ଗୀରରେ ଆସନ୍ତା ୨୩ ତାରିଖ, ବୁର୍ଲାରେ ୨୮ ତାରିଖ, ବାରିପଦାରେ ୩୧ ତାରିଖ, ରାଉରକେଲାରେ ଜୁନ୍ ୨

ତାରିଖରେ ଶୂନ୍ୟଛାୟା ଦେଖାଯିବ ବୋଲି ଅନୁମାନ କରାଯାଇଛି । ସୂର୍ଯ୍ୟ ଦିଗ୍‌ବଳୟର ଯେତେ ନିକଟରେ ଥାଏ ଛାଇ ସେତେ ଅଧିକ ହୋଇଥାଏ ଏବଂ ସୂର୍ଯ୍ୟ ମୁଣ୍ଡ ଉପରକୁ ଆସିଲେ ଛାଇଟି ଖୁବ୍ ଛୋଟ ହୋଇଯାଏ କିନ୍ତୁ ଛାଇ ପୁରାପୁରି ଭାବେ ଉଭେଇ ଯାଏ ନାହିଁ । ହେଲେ ଶୂନ୍ୟଛାୟାରେ ଛାୟା ବିଲ୍‌କୁଲ ଦେଖାଯାଏ ନାହିଁ ।

# ଓଡ଼ିଶା ସାହିତ୍ୟ ଏକାଡେମୀ

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାୟଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସଂଗୀତ ନାଟକ ଏକାଡେମୀର ସଭାପତି ଏବଂ ଉପସଭାପତିଙ୍କ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ଏହି ଦୁଇ ପଦବୀ ପୂରଣ ହେବା ପର୍ଯ୍ୟନ୍ତ ଶ୍ରୀ ରାଉତରାୟଙ୍କୁ ଏହି ଦାୟିତ୍ୱ ଦିଆଯାଇଥିବା ସରକାରୀ ସୂତ୍ରରୁ ଜଣାପଡିଛି ।

# ରଥରେ ବିନ୍ଧା କାର୍ଯ୍ୟ ଶେଷ

ପୁରୀ ଶ୍ରୀକ୍ଷେତ୍ର ରଥଖଳାରେ ତିନିରଥର ୪୨ଟି ଯାକ ତୁମ୍ବରେ ୧୬ଯୋଡ଼ା ବିନ୍ଧ କାର୍ଯ୍ୟ ଶେଷ ହୋଇଛି । ତାଳଧ୍ୱଜ ରଥର ୧୪ଟି, ଦେବଦଳନ ରଥର ୧୨ଟି ଏବଂ ନନ୍ଦିଘୋଷ ରଥର ୧୬ଟି ତୁମ୍ବରେ ୪୨ଟି ଲେଖାଏଁ ବିନ୍ଧ କରାଯାଇଛି । ଏହାପରେ ବିନ୍ଧ ଗୁଡ଼ିକରେ ଅରପଟା ସଂଯୋଗ

କରାଯିବ । ସେହିଭଳି ଅସ୍ଥାୟୀ କମାରଶାଳରେ ଅରକଣ୍ଟା ଏବଂ ପନ୍ଦାରୀ ନିର୍ମାଣ କାର୍ଯ୍ୟ ଚାଲିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

## ପାଣିପାଗ

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଆସନ୍ତାକାଲି ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ୨୪ ତାରିଖ ଆଡ଼କୁ ଲଘୁଚାପ - ଅବପାତର ରୂପ ନେବ। ଏହାର ପ୍ରଭାବ ଓଡ଼ିଶା ଉପରେ ବିଶେଷ ପଡିବାର ସମ୍ଭାବନା ନାହିଁ ବୋଲି କେତେକ ପାଣିପାଗ ମଡେଲ ପୂର୍ବାନୁମାନ କରିଛନ୍ତି । ହେଲେ ବାତ୍ୟା ନେଇ ସ୍ପଷ୍ଟଚିତ୍ର ବିଭିନ୍ନ ପାଣିପାଗ ମଡେଲ ଅଲଗା ଅଲଗା ଆକଳନ କରୁଥିବାରୁ ଆସନ୍ତା ଦୁଇଦିନ ପରେ କେଉଁଆଡକୁ ମୁହାଁଇବ ତାହା ସ୍ପଷ୍ଟ ଜଣାପଡିବ ।